# ପ୍ରାକ -ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୁପଣ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ।

## ଅତର୍କିତ ଚଢ଼ାଉ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ ।

ଜିଲ୍ଲାରେ ଚାଲୁଥିବା ୧୬ଟି ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକରେ ପି.ସି ଆଣ୍ଡ ପି.ଏନ.ଡି.ଟି ଆଇନର ସଠିକ କାର୍ଯ୍ୟକାରିତାକୁ ନେଇ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପରାମର୍ଶଦାତା କମିଟିର ସଦସ୍ୟ ସଦସ୍ୟାମାନଂକୁ ପୁନଃ ନିର୍ବାଚିତ କରାଗଲା । ପ୍ରତ୍ୟେକ ମାସରେ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକୁ କଡାକଡି ଯାଂଚ କରିବା ସହ ଅତର୍କିତ ଚଢ଼ାଉକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କନ୍ୟା ସନ୍ତାନମାନଂକର ଅନୁପାତ ବୃଦ୍ଧି ପାଇଁ ଏକ ଦୀର୍ଘ ସୂତ୍ରୀ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ଅକ୍ଟୋବର ୧୧ ତାରିଖରେ ପାଳନ ହେଉଥିବା ଶିଶୁ କନ୍ୟା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଜନ୍ମର ୧୫ ଦିନ ହୋଇଥିବା କନ୍ୟା ସନ୍ତାନମାନଂକ ପାଇଁ ପ୍ରତି ବ୍ଲକରେ ପାରମ୍ପରିକ ଭାବେ କେକ୍ କାଟି ଜନ୍ମୋତ୍ସବ ପାଳନ କରିଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ପ୍ରତ୍ୟେକ ଗ୍ରାମରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା କନ୍ୟା ସନ୍ତାନମାନଂକୁ ସମ୍ବର୍ଦ୍ଧିତ କରିବା ସହ ସେମାନଂକୁ ଗ୍ରାମର 'ଆଦର୍ଶ କନ୍ୟା ଭାବେ' ପ୍ରତିପାଦିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କନ୍ୟା ସନ୍ତାନମାନଂକର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପରିକଳ୍ପନା କରାଯିବା ସହ ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପି.ସି ପି.ଏନ୍.ଡି.ଟିର ପି.ଏ ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲିପ କୁମାର ପଟ୍ଟନାୟକ, ପୂର୍ବତନ ପୌରାଧ୍ୟକ୍ଷା ଶ୍ରୀମତୀ ସୁକାନ୍ତି ଦାସ, ବିଶ୍ୱ ଯୁବ କେନ୍ଦ୍ରର ଶ୍ରୀ ମନୋଜ ମହାପାତ୍ର ,ପବ୍ଲିକ୍ ପ୍ରେସିକ୍ୟୁଟର ଶ୍ରୀ ପ୍ରଦୀପ କୁମାର ଦାସ, ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର,ସ୍ୱାସ୍ଥ୍ୟକର୍ମୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

